# ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଅଦ୍ୟ ତା-୧୪.୦୯.୨୦୧୯ ରିଖ ଦିନ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଅଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀଯୁକ୍ତ ମଳୟ ରଂଜନ ଦାସ ଙ୍କ ତତ୍ୱାବଧାନରେ ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ମଧ୍ୟ ଅନୁଷ୍ଠିତ ହୋଇଅଛି । ଏହି ଲୋକଅଦାଲତରେ ଜିଲ୍ଲାର ସମସ୍ତ ଅଦାଲତର ୨୬୩ ଟି ମାମଲା ଫଏସଲା କରାଯାଇଅଛି । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୩୯ ଟି, ବିବାହ ଏବଂ ପାରିବାରିକ ମାମଲା ୧୩ ଟି, ଦେଓାନୀ ମାମଲା ୧୯୧ ଟି, ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା ୨୦ଟି ଏବଂ ବ୍ୟାଙ୍କ ମାମଲା ଗୁଡିକ ଆପୋଷ ଭାବରେ ସମାଧାନ କରାଯାଇଛି । ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ଟ.୧୫୨୫୭୦୦୦ ପ୍ରଦାନ କରାଜାଇଅଛି ଏବଂ ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ଟ.୬୭୪୨୭୨୮ ଜିଲ୍ଲାର ସମସ୍ତ ଅଦାଲତମାନଙ୍କରେ ଆଦାୟ କରାଯାଇଅଛି ।

ଢେଙ୍କାନାଳ ସିଭିଲ୍ କୋର୍ଟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିବା ରଷ୍ଟ୍ରୀୟ ଲୋକ ଅଦାଲତ ରେ ସ୍ଥାୟୀ ଲୋକଅଦାଲତ ର ଅଧକ୍ଷ୍ୟ ଶ୍ରୀ ବିରଂଚି କୁମାର ରଥ,ପାରିବାରିକ ଅଦାଲତ ର ବିଚାରପତି ଦିପ୍ତୀ ରଂଜନ କାନୁନ୍‌ଗୋ, ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ରାଜ୍ କିଶୋର ମହାପାତ୍ର ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରିଟ ମୁକ୍ତି ରଂଜନ ସତପଥୀ, ବରିଷ୍ଠ ଦେଓାନୀ ବିଚାରପତି ଶ୍ରୀମତୀ ଅଞ୍ଜନା ସାଇଁ, ଅତିରିକ୍ତ ବରିଷ୍ଠ ଦେଓାନୀ ବିଚାରପତି ଶ୍ରୀମତୀ ସୁଜାତା ପ୍ରିୟମ୍ବଦା ସାଇଁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଅଭିଜିତ୍ କୁମାର ପୁରୋହିତ, ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ଶ୍ରୀ ସୁଶାନ୍ତ କୁମାର ନାୟକ, ଦ୍ୱୀତିୟ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ ବିଭିନ୍ନ ଅଦାଲତ ଗୁଡିକ ପରିଚାଳନା କରିଥିଲେ । ଉକ୍ତ ଲୋକଅଦାଲତରେ ରେଜିଷ୍ଟ୍ରାର ସିଭିଲ କୋଟର୍ସ ଶ୍ରୀ ସଂଜିତ୍ ବେହେରା ,ଏବଂ ଗିତାଂଜଳ ନନ୍ଦ , ବରିଷ୍ଠ ଦେଓାନୀ ବିଚାରପତି( ମହିଳା ଙ୍କ ଅଦାଲତ) ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ତାଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ର ବିଚାରପତି ଶ୍ରୀ ଅରୁଣ ପଟ୍ଟନାୟକ, ସରକାରୀ ଆଇନଜୀବି ଶ୍ରୀ ପତିତପାବନ ମହାପାତ୍ର, କନସିଲିଏଟର, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ସୁଭାସିନି ମହାକୁଡ, ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ କୁ ପରିଚାଳନା କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପ୍ୟାନେଲ ଲୟର, ପି.ଏଲ. ଭି., ଜିଲ୍ଲା ଆଇନ ପ୍ରାଧିକରଣ ଓ ସିଭିଲ୍ କୋର୍ଟ ର ସମସ୍ତ କର୍ମଚାରୀ ଉପରୋକ୍ତ ଲୋକ ଅଦାଲତ କୁ ସୁଚାର ଋପେ ପରିଚାଳନା କରିବାରେ ସହାୟତା କରିଥିଲେ ।

Sd.
Secretary
District Legal Services Authority
Dhenkanal

## ତୃତୀୟ ରାଷ୍ଟ୍ରୀୟ  ଲୋକ ଅଦାଲତ ମାଧ୍ୟମରେ ପାରିବାରିକ ମାମଲାର ସମାଧାନ

ଅଦ୍ୟ ତା ୧୪.୦୯.୨୦୧୯ ରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଢେଙ୍କାନାଳ ସିଭିଲ କୋର୍ଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଶ୍ରୀଯୁକ୍ତ ଦିପ୍ତି ରଂଜନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଓ ସଦସ୍ୟ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର, ଢେଙ୍କାନାଳ ଶ୍ରୀ ଓମ୍ ପ୍ରକାଶ ସରଣଙ୍କ ଉପସ୍ଥିତିରେ ମୋଟ ୧୦ଟି ମମଲାର ଫଏସଲା ହୋଇଅଛି । ୧୦ଟି ମାମଲା ମଧ୍ୟରୁ ୨ଟି ମାମଲାରେ ଆପୋଷ ସମାଧାନ ସୁତ୍ରରେ ସାମୀ ସ୍ତ୍ରୀ ମଧ୍ୟରେ ପୂନଃ ମିଳନ କରାଗଲା ଏବଂ ଅନ୍ୟ ୪ଟି ମାମଲାରେ ୫ଲକ୍ଷ ୩୪ହଜାର ଟଙ୍କା ଭରଣ ପୋଷଣ ବାବଦରେ ପ୍ରଦାନ କରାଗଲା । ଉକ୍ତ ଲୋକ ଅଦାଲତରେ ପାରିବାରିକ ଅଦାଲତର କର୍ମଚାରୀ ମାନେ ସହାୟତା କରିଥିଲେ ।

Sd/-
Secretary
District Legal Services Authority,
Dhenkanal